## ସଂକ୍ଷେପରେ

### ନବରଙ୍ଗପୁର କଲେଜରେ କ୍ୟାମ୍ପସ ଚୟନ

### ୩୫ ଛାତ୍ରଙ୍କୁ କମ୍ପାନୀ ଚାକିରି

ନବରଙ୍ଗପୁର,୨୧।୨(ବି.ପ୍ର./ଡି.ଏନ୍.ଏ.)- ନବରଙ୍ଗପୁର କଲେଜର ପୂର୍ବତନ ବିଜ୍ଞାନ ଛାତ୍ରଙ୍କୁ ନେଇ ରବିବାର ଏକ କ୍ୟାମ୍ପସ ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶାଖାପାଟଣାରୁ ନିମନ୍ତ୍ରିତ ଏସ୍‌ଭିଏଲ୍ ମ୍ୟାନ୍ ପାୱାର୍ ପ୍ରାଇଭେଟ ଲିମିଟେଡ୍ କମ୍ପାନୀ ଦ୍ୱାରା ଏହି ଚୟନ ପ୍ରକ୍ରିୟା ହୋଇଥିଲା। ଦୁଇ ତିନି ବର୍ଷ ତଳେ ଏହି କଲେଜରୁ ପାସ୍ କରିଥିବା ଯୁକ୍ତ୩ ବିଜ୍ଞାନର ୧ଶହ ଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୩୫ଜଣଙ୍କୁ କମ୍ପାନୀ ପକ୍ଷରୁ ଚୟନ କରାଯାଇଥିଲା। କଲେଜର ଅଧକ୍ଷା ୱାଇ. ଭେଙ୍କେଟେଶ୍ୱରୀଙ୍କ ତତ୍ତ୍ୱାବଧାନରେ ଚୟନ କାର୍ଯ୍ୟକ୍ରମ ହୋଇଥିଲା। ପଦାର୍ଥ ବିଜ୍ଞାନ ବିଭାଗର ଅଧାପକ ମହମ୍ମଦ ଜାହାଙ୍ଗୀର ଏହାର ପରିଚାଳନା କରିଥିଲେ। ଚୟନ ପ୍ରକ୍ରିୟାରେ ପ୍ରମୁଖ ଦାୟିତ୍ୱରେ ଥିଲେ ହାଲ୍ ଅଧିକାରୀ ଭି. ମନ୍ମଥ ରାଓ, ଡେକାନ୍ ଫାଇନ୍ କେମିକାଲ୍‌ସର ଏଚ୍‌ଆର୍ ମ୍ୟାନେଜର କାର୍ଯ୍ୟାଧିକାରୀ ୱାଇ. ପଦ୍ମନାଭମ୍, ପ୍ରଡକ୍ସନ୍ ମ୍ୟାନେଜର ଦୁର୍ଗା ପ୍ରସାଦ ପାତ୍ର ଏବଂ ଏସ୍‌ଭିଏଲ୍ କର୍ପୋରେଟ ସର୍ଭିସ୍‌ର କାର୍ଯ୍ୟାଧିକାରୀ ଏଲ୍. ହରିବାବୁ। ଏଥିରେ କଲେଜର ଅଧାପିକା, ଅଧାପକ ଏବଂ କର୍ମଚାରୀମାନେ ସହଯୋଗ କରିଥିଲେ।

### ଶ୍ରୀମାଙ୍କ ଜନ୍ମ ଜୟନ୍ତୀ ପାଳିତ

ଗୁଣପୁର,୨୧।୨(ଡି.ଏନ୍.ଏ.)-ସ୍ଥାନୀୟ ଅରୋଶ୍ରୀ ବିହାର ପରିସରରେ ଦିବ୍ୟ ଜନନୀ ଶ୍ରୀମାଙ୍କ ୧୪୩ ତମ ଜନ୍ମ ଦିବସ ପାଳିତ ହୋଇଯାଇଛି। ଗୁଣପୁର ପାଠଚକ୍ର ପକ୍ଷରୁ ସମାଧି ପୀଠଠାରେ ଧ୍ୟାନ, ପ୍ରାର୍ଥନା ଓ ଜପ ଅନୁଷ୍ଠିତ ହୋଇଥିଲା। ଏଥିରେ ଅନୁଷ୍ଠାନ ସଭାପତି ବୃନ୍ଦାବତୀ ପଣ୍ଡା ଯୋଗଦେଇ ମାତୃ ପତାକା ଉତ୍ତୋଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୋଗେନ୍ଦ୍ର ନାରାୟଣ ଦେଓ, ସମ୍ପାଦକ ସୁଦର୍ଶନ ପୃଷ୍ଟିଙ୍କ ସମେତ ସମସ୍ତ ମାତୃପ୍ରେମୀ ଉପସ୍ଥିତ ଥିଲେ ।

### ଜିଲ୍ଲାରେ କୋଭିଡ ଗାଇଡଲାଇନ କଡାକଡି

କୋରାପୁଟ,୨୧।୨(ସ୍ୱ.ପ୍ର.)- ଭାରତର ମହାରାଷ୍ଟ୍ର, କେରଳ ଭଳି କେତେକ ସ୍ଥାନରେ ପୁଣି ଥରେ କୋଭିଡ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧିକୁ ଲକ୍ଷ୍ୟରେ ରଖି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ କୋଭିଡ ଗାଇଡଲାଇନକୁ କଡାକଡି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ହୋଇଛି । ରାଜ୍ୟ ସରାକର ଏନେଇ ରବିବାର ଏକ ନିର୍ଦ୍ଦେଶନାମା ସମସ୍ତ ଜିଲାପାଳ ଓ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ନିକଟକୁ ପଠାଇଛନ୍ତି। ଜିଲାରେ ସମସ୍ତ ସ୍ଥାନରେ କୋଭିଡ ଗାଇଡ ଲାଇନକୁ କଡାକଡି ଭାବେ ପାଳନ କରିବାକୁ ଏଥିରେ କୁହାଯାଇଛି । ଏହି ନିର୍ଦ୍ଦେଶ ପାଇବା ପରେ କୋରାପୁଟ ଜିଲାପାଳ ମହମ୍ମଦ ଅବଦାଲ ଅକ୍ତାର ଓ ଜିଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲି ଜିଲାର ୧୪ଟି ବ୍ଲକ ଓ ୪ ପୌରାଞ୍ଚଳଗୁଡିକର ବିଡିଓ ଓ ନିର୍ବାହୀ ଅଧିକାରୀମାନଙ୍କୁ ଗାଇଡଲାଇନ ପାଳନ ହେଉଛି କି ନାହିଁ ତାହା ଉପରେ ପଦକ୍ଷେପ ନେବାକୁ କହିଛନ୍ତି। ସେହିପରି ସମସ୍ତ ପୋଲିସ ଥାନାକୁ ମଧ୍ୟ ନିର୍ଦ୍ଦେଶ ହୋଇଛି । ଜୟପୁର ପୋଲସ ପକ୍ଷରୁ ଉପଜିଲାପାଳ ହେମକାନ୍ତ ସଏଙ୍କ ନେତୃତ୍ୱରେ ରାତ୍ରିରେ ସମସ୍ତ ଦୋକାନ ଓ ମଲ୍‌ଗୁଡିକ ଅନୁଧାନ କରାଯାଇ ସମସ୍ତେ ମାସ୍କ ପିନ୍ଧିବା ଓ ସାମାଜିକ ଦୂରତା ଅବଲମ୍ବନ ନେଇ ଦୋକାନ ଓ ମଲ୍ ମାଲିକମାନଙ୍କୁ କୁହାଯାଇ ଥିଲା। ସେହିପରି କୋରାପୁଟ ସହରରେ ମଧ କୋଭିଡ ଗାଇଡ ଲାଇନ ପାଳନ କରିବାକୁ ସମସ୍ତ ଦୋକାନଗୁଡିକୁ ଜିଲା ପ୍ରଶାସନ ନିର୍ଦ୍ଦେଶ ଦେଇଛି ।

# କମ୍ପାନୀ ପ୍ରୀତି ବିରୋଧରେ ବର୍ଷିଲା ବିଦ୍ୟୁତ୍ ଶ୍ରମିକ ମହାସଂଘ

ଗୁଣପୁର,୨୧।୨(ଡି.ଏନ୍.ଏ.)


ଖବରଦାତା ସମ୍ମିଳନୀରେର ରାଜ୍ୟ ସଭାପତି , ସାଧାରଣ ସମ୍ପାଦକ ଓ ଅନ୍ୟମାନେ ।

ରାୟଗଡ଼ା ଜିଲ୍ଲା ଗୁଣପୁରଠାରେ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଶ୍ରମିକ ମହାସଂଘର ୫୮ ତମ ବାର୍ଷିକ ଅଧିବେଶନ ଶୁକ୍ରବାର ଆରମ୍ଭ ହୋଇଥିଲା। ରବିବାର ୩ୟ ଦିନରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି ସଂଘର ପ୍ରମୁଖ କାର୍ଯ୍ୟକର୍ତ୍ତା। ଶାଗ ମାଛ ଦରରେ ବିଦ୍ୟୁତ୍ ବିତରଣକାରୀ ସଂସ୍ଥାଗୁଡ଼ିକୁ ରାଜ୍ୟ ସରକାରଙ୍କ ଘରୋଇ କମ୍ପାନୀ ହାତରେ ଟେକି କମ୍ପାନୀ ପ୍ରୀତି ଦେଖାଇବା ଯୋଗୁ ଏହାର ସିଧା ପ୍ରଭାବ ଗରିବ ଉପଭୋକ୍ତାଙ୍କ ଉପରେ ପଡୁଛି। ବିଦ୍ୟୁତ୍ ଦର ବୃଦ୍ଧି ପାଇବା ପଛରେ ରାଜ୍ୟ ସରକାର ହିଁ ଦାୟୀ। ସେହିଭଳି ବିଦ୍ୟୁତ୍ କର୍ମଚାରୀଙ୍କ କରୋନାରେ ମୃତ୍ୟୁ ହେଲେ ସରକାର ୫୦ଲକ୍ଷ ଟଙ୍କା କ୍ଷତିପୂରଣ ଦେବେ ବୋଲି ଘୋଷଣା କରିଥିଲେ ମଧ ତାହା ଜଣଙ୍କୁ ମଧ ମିଳିପାରିନି। ସରକାର ଜାଣିଶୁଣି ଏ ବାବଦରେ ନୀରବ ରହୁଛନ୍ତି ବୋଲି ସଂଘ ପକ୍ଷରୁ ଅଭିଯୋଗ ହୋଇଛି। ସଂଘର ଦାବି ପୂରଣ ନ ହେଲେ ଆଗମୀ ଦିନରେ ସଂଘ ରାଜରାସ୍ତାକୁ ଓହ୍ଲାଇବ ବୋଲି ସଂଘର ରାଜ୍ୟ ସଭାପତି ପ୍ରଶାନ୍ତ କୁମାର ମହାପାତ୍ର, ସାଧାରଣ ସମ୍ପାଦକ ଅକ୍ଷୟ ତ୍ରିପାଠୀ ଖବରଦାତା ସମ୍ମିଳନୀରେ ଚେତାବନୀ ଦେଇଛନ୍ତି।

ଶନିବାର ମଧ ଆଇଏନ୍‌ଟିୟୁସିର ସଭାପତି ତଥା କଂଗ୍ରେସର ପୂର୍ବତନ ରାଜ୍ୟସଭା ସଭ୍ୟ ରାମଚନ୍ଦ୍ର ଖୁଣ୍ଟିଆ, ସାଧାରଣ ସମ୍ପାଦକ କିଶୋର ଜେନା, ଉପସଭାପତି ମଦନ ଧଳ, ୟୁଥ୍ ସଭାପତି ସତ୍ୟବ୍ରତ ନାୟକ, ନାଲକୋ କର୍ପୋରେଟ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ପ୍ରଦୀପ କମାର ଦାସ, ବିଦ୍ୟୁତ୍‌ଶ୍ରମିକ କର୍ମଚାରୀ ସଂଘର ରାଜ୍ୟ ସଭାପତି, ସାଧାରଣ ସମ୍ପାଦକ, ଉପଦେଷ୍ଟା ରମାକୃଷ୍ଣ ସାହୁ, କାର୍ଯ୍ୟକାରୀ ସଭାପତି ଦିନବନ୍ଧୁ ମହାନ୍ତି, ପଦ୍ମନାଭ ପାଢ଼ୀ, ବିପିନ ସେଠୀ, ଆଇଏନ୍‌ଟିୟୁସିର ଜିଲା ସଭାପତି ଭବାନୀ ଜେନା ପ୍ରମୁଖ ଉପସ୍ଥିତ ରହି ଟାଟା ପାୱାର୍ ଅଣ ଓଡ଼ିଆ ମାନଙ୍କୁ ନିଯୁକ୍ତି ଦେବା ବନ୍ଦ କରିବା ଏବଂ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ପ୍ରତ୍ୟାହାର ନିମନ୍ତେ ଦାବି ନେଇ ଏକ ବିରାଟ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଗୁଣପୁର ଡିଭିଜନର ସମ୍ପାଦକ ଅଜିତ ପଣ୍ଡା, କେନ୍ଦ୍ରୀୟ କାର୍ଯ୍ୟକାରୀ ସଭ୍ୟ ମୁନା ପାଢ଼ୀ, ଅକ୍ଷୟ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ୧୧କେ.ଭି. ତାର ସଂସ୍ପର୍ଶରେ ଆସି ବାଳକ ମୃତ

ଉମରକୋଟ,୨୧।୨(ସ୍ୱ.ପ୍ର.)–

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ୍ ଶିଙ୍ଗଶାରି ଗ୍ରାମରେ ରବିବାର ଅପରାହ୍ନରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ୧୧କେ.ଭି. ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗାଈ ଚରାଇବାକୁ ଯାଇଥିବା ବାଳକର ମୃତ୍ୟୁ ଘଟିଛି। ସେ ହେଲେ ଗାଁର ସନ୍ତୋଷ ପାଇକ(୧୩)। ସୂଚନା ଅନୁଯାୟୀ, ସନ୍ତୋଷ ଗାଈ ଚରାଇବାକୁ ଜମିକୁ ନେଇ ଯାଇଥିଲେ। ସେଠାରେ ଏକ ଚେକ୍ ଡ୍ୟାମ ଉପରେ କମ୍ ଉଚ୍ଚତାରେ ୧୧ କେ.ଭି. ତାର ରହିଥିଲା। ସନ୍ତୋଷ ଧରିଥିବା ଲାଠି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯିବାରୁ ସେ ଘଟଣାସ୍ଥଳରେ ଅଚେତ ହୋଇପଡ଼ିଥିଲେ। ନିକଟରେ ଥିବା କେତେଜଣ ବ୍ୟକ୍ତି ତାଙ୍କୁ ସେଠାରୁ ଉଦ୍ଧାର କରି ପ୍ରଥମେ ଶିଙ୍ଗଶାରି ପିଏଚ୍‌ସି ଓ ପରେ ଉମରକୋଟ ସିଏଚ୍‌ସିରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଥିଲା। ଉଲ୍ଲେଖଯୋଗ୍ୟ, ଏହି ୧୧କେ.ଭି. ତାର ସିଂସାରି ଓ କଟେଣ୍ଡା ଗ୍ରାମକୁ ବିଦ୍ୟୁତ୍ ସଂଯୋଗ କରୁଛି। ଏହି ତାର ଭୂମିଠାରୁ କମ୍ ଉଚ୍ଚତାରେ ଥିବା ଯୋଗୁ ଏହାକୁ ସଜାଡ଼ିବାକୁ ଅନେକ ଥର ବିଭାଗକୁ ଅବଗତ କରାଯାଇଛି। ହେଲେ ବିଭାଗ ପକ୍ଷରୁ ତାହା କରାଯାଉ ନ ଥିବାରୁ ଏଭଳି ଦୁର୍ଘଟଣା ଘଟିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ବିଷୟରେ ନିର୍ବାହୀ ଯନ୍ତ୍ରୀଙ୍କୁ ପଚାରିବାରୁ ସେ କହିଛନ୍ତି, ଏ ବିଷୟରେ ଖବର ପାଇନି। ସୂଚନା ପାଇଲେ ଘଟଣାର ତଦନ୍ତ କରାଯିବ ଏବଂ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

# ପିକ୍‌ଅପ୍‌ରୁ ୩.୬୨କୁଇଣ୍ଟାଲ ଗଞ୍ଜେଇ ଜବତ

ନବରଙ୍ଗପୁର,୨୧।୨(ବି.ପ୍ର.)


ଜବତ ଗଞ୍ଜେଇ ଥାନାକୁ ନିଆଯାଉଛି।

### ୨ ବିହାରୀ ଯୁବକ ଗିରଫ

ବେଆଇନ ଗଞ୍ଜେଇ କାରବାରକୁ ରୋକିବା ଦିଗରେ ନବରଙ୍ଗପୁର ପୋଲିସକୁ ପୁଣି ସଫଳତା ମିଳିଛି। ପାଟ୍ରୋଲିଂବେଳେ ରବିବାର ନବରଙ୍ଗପୁର ପୋଲିସ ଏକ ପିକ୍‌ଅପ୍ କଣ୍ଟେନରରୁ ୭୦ ପ୍ୟାକେଟ ଗଞ୍ଜେଇ ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି। ଦୁହେଁ ହେଲେ ବିହାର ବୈଶାଳି ଜିଲା କାଟ୍ରାବଜାର ଅଞ୍ଚଳର ଦାଦା ସୁନୀଲ୍ କୁମାର(୨୨) ଓ ପୁତୁରା ରଞ୍ଜିତ କୁମାର(୨୩)।

ସୂଚନା ଅନୁଯାୟୀ, କୋରାପୁଟ ଜିଲା ଜୟପୁରରୁ ବିହାରକୁ ଏକ ପିକ୍‌ଅପ୍(ଓଡି ୦୪ଏ ୧୧୨୮) ଗାଡ଼ି ଡାଲାରେ କିଛି ଲୁହା ଚଦର ଆଚ୍ଛାଦିତ କରି ଭିତରେ ଗଞ୍ଜେଇ ଚାଲାଣ ହେଉଥିଲା। ସନ୍ଦେହ ହେବାରୁ ଯାଞ୍ଚ କେନ୍ଦ୍ର ନିକଟରେ ଗାଡ଼ି ଯାଞ୍ଚ କରାଯାଇଥିଲା। ଏହି ସମୟରେ ସେଥିରେ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ମାଜିଷ୍ଟ୍ରେଟ ତଥା ତହସିଲଦାର ରବୀନ୍ଦ୍ର ରାଉତଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇ ଓଜନ କରାଯାଇଛି। ଏହାର ଓଜନ ୩.୬୨ କୁଇଣ୍ଟାଲ ହୋଇଥିବାବେଳେ ମୂଲ୍ୟ ୩୦ଲକ୍ଷ ଟଙ୍କା ହେବ ବୋଲି ପୋଲିସ ସୂଚନା ଦେଇଛି। ଅଭିଯୁକ୍ତଙ୍କ ନିକଟରୁ ୨ମୋବାଇଲ ମଧ ଜବତ ହୋଇଛି। ଏ ନେଇ ୯୦/୨୧ରେ ଏକ ମାମଲା ରୁଜୁ ହୋଇଛି। ତେବେ ଗଞ୍ଜେଇ ମାଫିଆମାନେ ଏହି ଅଞ୍ଚଳରୁ କମ୍ ଦରରେ ଗଞ୍ଜେଇ ନେଇ ବାହାର ରାଜ୍ୟରେ ଚଢ଼ାଦରରେ ବିକ୍ରି କରୁଥିବା ଏସ୍‌ପି ପ୍ରହ୍ଲାଦ ସହାୟ ମୀନା ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଚଢ଼ାଉ ଏବଂ ଯାଞ୍ଚବେଳେ ଇନ୍‌ସ୍ପେକ୍ଟର ପ୍ରମିଳା ବିଡିକା, ଏସ୍‌ଆଇ ସୁଚିତ୍ରା ଜୟସିଂ, ବଳରାମ ବେହେରା, ଏଏସ୍‌ଆଇ ପ୍ରଭାକର ହରିଜନ, ହେମନ୍ତ ହରିଜନ ଓ କ୍ଷୀରସିନ୍ଧୁ ସାହୁ ଉପସ୍ଥିତ ଥିଲେ। ଶନିବାର ମଧ ଯାଞ୍ଚବେଳେ ଏକ କାର୍‌ରୁ ୬୮କେ.ଜି. ଗଞ୍ଜେଇ ଜବତ କରାଯାଇ ୨ଜଣଙ୍କୁ ଗିରଫ କରାଯାଇଥିଲା। ରବିବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

### କୁକୁଡ଼ାଗାଲିରେ ଚଢ଼ାଉ, ୪ ଗିରଫ

ପାପଡ଼ାହାଣ୍ଡି,୨୧।୨(ଡି.ଏନ୍‌ଏ.)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ୍ କଣ୍ଡାମାଲ ପଞ୍ଚାୟତ ଅଧୀନ ରୋଣ୍ଡାଗୁଡ଼ା କାଜୁ ବଗିଚାଠାରେ ଚାଲିଥିବା ଏକ କୁକୁଡ଼ା ଗାଲି ଉପରେ ଚଢ଼ାଉ କରି ପୋଲିସ ୪ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୩ବାଇକ୍ ଏବଂ ୧୪୮୦ ଟଙ୍କ ଜବତ କରାଯାଇଛି। ଗିରଫମାନେ ହେଲେ ପକାନାଗୁଡ଼ା ଗ୍ରାମର ପିଣ୍ଟୁ ନାୟକ(୩୦), ଦୁର୍ଜନ ମାଝୀ(୩୨), ବୋରାଗୁଡ଼ା ଗ୍ରାମର ପ୍ରିତମ୍ ଭତରା(୪୫) ଓ ମୁଦୁଲିଆଗୁଡ଼ାର ହେମନ୍ତ ହରିଜନ(୩୮)। ସୂଚନା ଅନୁଯାୟୀ, କାଜୁ ବଗିଚାରେ କୁକୁଡ଼ାଗାଲି ଚାଲିଥିବା ପାପଡାହାଣ୍ଡି ଥାନାଧିକାରୀ ଶୁଭେନ୍ଦୁ ଶବର ସୂଚନା ପାଇଥିଲେ। ତାଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ଶନିବାର ସନ୍ଧ୍ୟାରେ କାଜୁ ବଗିଚାରେ ଚଢ଼ାଉ କରିଥିଲେ। ଘଟଣାସ୍ଥଳରୁ ୪ଜଣଙ୍କୁ ଗିରଫ କରାଯାଇଥିଲା। ସେହିପରି ପୋଲିସକୁ ଦେଖି ଆଇ କିଛିଜଣ ସେଠାରୁ ଚମ୍ପଟ ମାରିଥିବା ଥାନାଧିକାରୀ ସୂଚନା ଦେଇଛନ୍ତି। ଚଢ଼ାଉବେଳେ ଏଏସ୍‌ଆଇ ଅନାମ ଦିଆନ ଏବଂ ଥାନା କର୍ମଚାରୀ ଉପସ୍ଥିତ ଥିଲେ।

### ମାତୃଭାଷା ଦିବସ ପାଳିତ

ଗୁଣପୁର,୨୧।୨(ଡି.ଏନ୍.ଏ.)

ରାୟଗଡ଼ା ଜିଲ୍ଲା ଗୁଣପୁର ସରସ୍ୱତୀ ଶିଶୁ ମନ୍ଦିରରେ ରବିବାର ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ କୁମାର ଶତପଥୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପରିଚାଳନା କମିଟି ସଭାପତି ବି. ଗଜପତି ରାଓ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ସେହିପରି ସମ୍ପାଦକ ସୋମନାଥ ଗୌଡ଼ ମୁଖ୍ୟବକ୍ତାଭାବେ ଯୋଗଦେଇ ମାତୃଭାଷା ଦିବସର ତାତ୍ପର୍ଯ୍ୟ ବିଷୟରେ କହିଥିଲେ। କରୋନା କଟକଣା ମଧରେ ୯ମ ଏବଂ ୧୦ମ ଶ୍ରେଣୀର ଛାତ୍ରୀଛାତ୍ର, ଗୁରୁମା, ଗୁରୁଜୀ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ପ୍ରାରମ୍ଭରୁ ୧୦ମ ଶ୍ରେଣୀ ପିଲାଙ୍କ ମଧ୍ୟରେ ଅନ୍‌ଲାଇନ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସରସ୍ୱତୀ ଶିଶୁ ମନ୍ଦିରର ସଭାପତି ପ୍ରଭାତ କୁମାର ଶତପଥୀଙ୍କ ସମେତ ପ୍ରତାପ କୁମାର ରାୟ, ସିମାଞ୍ଚଳ କର, ବିଜୟ କୁମାର ପାଢ଼ୀ, ସାହିତ୍ୟିକ ନୀଳମାଧବ ଦାଶ, ଦୁର୍ଗା ଶତପଥୀ, ପ୍ରମୋଦ ପଣ୍ଡା, ତ୍ରିଲୋଚନ ପ୍ରଧାନ, ରମେଶ ଲିମା, ମହମ୍ମଦ ସଲିମ୍ ପ୍ରମୁଖ ଉପସ୍ଥିତ ରହି ସମାଜ ପାଇଁ ମାତୃଭାଷା କେତେ ଜରୁରୀ ପ୍ରସଙ୍ଗରେ ଆଲୋଚନା କରିଥିଲେ।

# ବିଭିନ୍ନ ଦାବି ନେଇ ରାଜସ୍ୱ ଅମଲା ସଂଘର ଆଲୋଚନା


କାର୍ଯ୍ୟକ୍ରମରେ ଉପସ୍ଥିତ ସଂଘର ସଭାପତି ଓ ସଦସ୍ୟମାନେ।

ନବରଙ୍ଗପୁର,୨୧।୨(ବି.ପ୍ର.)

ପାପଡ଼ାହାଣ୍ଡିସ୍ଥିତ ହରିଣ ପାର୍କ ନିକଟରେ ଓଡ଼ିଶା ରାଜସ୍ୱ ଅମଲା ସଙ୍ଘ ନବରଙ୍ଗପୁର ଜିଲା ଶାଖାର ବାର୍ଷିକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଦିବଙ୍ଗତ ସହକର୍ମୀଙ୍କ ନିମନ୍ତେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ବ୍ୟସ୍ତ ବହୁଳ ଜିଲା ରାଜସ୍ୱ ଅମଲାମାନେ ଦିନକ ପାଇଁ ନିଜ ସଂଘ ସହ ରହି ଭାବ ଆଦାନ ପ୍ରଦାନ କରିଥିଲେ। ସେହିପରି ଏଠାରେ ଅମଲାମାନେ ନିଜର ଲୁକ୍କାୟିତ ପ୍ରତିଭାକୁ ମଧ ପ୍ରଦର୍ଶନ କରିଥିଲେ। ଦେଶ ସ୍ୱାଧୀନ ହେବା ପରେ ପ୍ରଥମ ଥର ପାଇଁ ୨୦୧୭ରୁ ଏ ପର୍ଯ୍ୟନ୍ତ ସରକାର ଆଲୋଚନା ମାଧ୍ୟମରେ ସଂଘର ବିଭିନ୍ନ ଦାବି ପୂରଣ କରିଥିବାରୁ ସଂଘର ସଭ୍ୟା ସଭ୍ୟ ଖୁସି ପ୍ରକଟ କରିବା ସହ ବଳକା ଦାବି ତଥା ବର୍ଦ୍ଧିତ ହାରରେ ଘରଭଡ଼ା ଦେବା, ସରକାରୀ କର୍ମଚାରୀଙ୍କ ଚାକିରୀ ସମୟରେ ମୃତ୍ୟୁ ଘଟିଲେ ତାଙ୍କ ପରିବାରର ଏକ ସଦସ୍ୟଙ୍କୁ ଥଇଥାନ ଯୋଜନା ନିୟମକୁ କୋହଳ କରିବା, ବର୍ଦ୍ଧିତ ଦରମାର ୫୦ପ୍ରତିଶତ ତୁରନ୍ତ ଦେବା, ଚୁକ୍ତିଭିତ୍ତିକ ନିଯୁକ୍ତି ବନ୍ଦ, ପୁରୁଣା ପେନ୍‌ସନ ନିୟମ ଲାଗୁ ଆଦି ବିଷୟରେ ସରକାରଙ୍କ ସହ ଆଲୋଚନା କରି କିଭଳି ଶ୍ରୀଘ୍ର ପୂରଣ ହେବ ସେ ନେଇ ପଦକ୍ଷେପ ନେବା ନିମନ୍ତେ ଏଠାରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ସଂଘର ଜିଲା ସଭାପତି ଆଶୁତୋଷ ମହାନ୍ତିଙ୍କ ସମେତ ଜିଲାର ବିଭିନ୍ନ ଦପ୍ତରରୁ ଶତାଧିକ ରାଜସ୍ୱ ଅମଲା ଯୋଗ ଦେଇଥିଲେ।

# ପୂଜାରିଗୁଡ଼ାକୁ ହରାଇ ବୋରିଗୁମ୍ମା ଚାମ୍ପିୟନ

ତେନ୍ତୁଳିଖୁଣ୍ଟି,୨୧।୨ (ଡି.ଏନ.ଏ.)


ବିଜୟ ମୁହୂର୍ତ୍ତରେ ଚାମ୍ପିୟନ ଓ ରନର୍ସଅପ ଟିମ୍ ।

### ମଦନମୋହନ ସିଂ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ପୂଜାରିଗୁଡାଠାରେ ୮ରୁ ଚାଲିଥିବା ମଦନ ମୋହନ ସିଂ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ପୂଜାରିଗୁଡା ଓ ବୋରିଗୁମ୍ମା ମଧ୍ୟରେ ହୋଇଥିଲା। ବୋରିଗୁମ୍ମା ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରଦେଶ କଂଗ୍ରେସ କମିଟି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝୀ, ମୁଖ୍ୟବକ୍ତା ଭାବେ ଜିଲା ଯୁବକଂଗ୍ରେସ ସଭାପତି ଅଖିଳ ଭତ୍ରା, ସମ୍ମାନିତ ବକ୍ତା ଭାବେ ବ୍ଲକ କଂଗ୍ରେସ ସଭାପତି ପ୍ରହ୍ଲାଦ ହିଆଲ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ସଦନ ନାୟକ, ପି.ନଗରତ୍ନମ ଓ ସରପଞ୍ଚ ବିଜୟ ଝଡ଼ିଆ ଯୋଗଦେଇଥିଲେ। ମୁଖ୍ୟଅତିଥି ମାଝି ବିଜୟୀ ଦଳ ବୋରିଗୁମ୍ମାକୁ ୨୦ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରିଥିଲେ। ଉପବିଜେତା ଦଳ ପୂଜାରିଗୁଡାକୁ ୧୫ ହଜାର ଟଙ୍କା ଓ ଟ୍ରଫି ପୂର୍ବତନ ବିଧାୟକ ନାୟକ ପ୍ରଦାନ କରିଥିଲେ। ଖେଳ ଭାତୃଭାବ ଓ ସାମାଜିକ ବନ୍ଧନ ତଥା ଶୃଙ୍ଖଳିତ ପରିବେଶ ସୃଷ୍ଟିରେ ସହାୟକ ହୋଇଥାଏ ଅତିଥିମାନେ କହିଥିଲେ। ଏହି ଅବସରରେ ମଧ ଟୁର୍ନାମେଣ୍ଟର ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଭାବେ ସାହିଲ ଖାଁ ଓ ବୋଲର ଭାବେ ମାନସ ସୁନାଙ୍କୁ ପ୍ରହ୍ଲାଦ ହିଆଲ ପୁରସ୍କୃତ କରିଥିଲେ । ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିଶାଳ ନାୟକଙ୍କୁ ପୁରସ୍କୃତ କରିଥିଲେ।

ଶୃଙ୍ଖଳିତ ଦଳ ଭାବେ ତେନ୍ତୁଳିଖୁଣ୍ଟି ମେଡିକାଲ ଟିମକୁ ପୁରସ୍କୃତ କରାଯାଇଥିଲା। ଗ୍ରାଉଣ୍ଡ ବୋଲର ଭାବେ ରହନ ଡଙ୍ଗରି ପୁରସ୍କୃତ ହୋଇଥିଲେ। ମ୍ୟାଚରେ ଅମ୍ପାୟାର ଭାବେ ସୁନିଲ କର୍କରା, ସୁଧୀର ସାହୁ, ସମରେଶ ହିଆଲ ଦାୟିତ୍ୱ ତୁଲାଇଥିଲେ।

# କୋଭିଡ ନେଇ ସଚେତନତା ର୍‍ୟାଲି



ର୍‍ୟାଲିରେ ସାମିଲ ହୋଇଥିବା ଛାତ୍ରୀଛାତ୍ର।

କୋରାପୁଟ,୨୧।୨(ସ୍ୱ.ପ୍ର.) –

କୋରାପୁଟ ମେଡିକାଲ କଲେଜ ପକ୍ଷରୁ ରବିବାର କୋଭିଡ ଟିକାକରଣ ନେଇ ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି । ମେଡିକାଲ କଲେଜର କୋଭିଡ ଇନଚାର୍ଜ ତଥା ମାଇକ୍ରୋବାଇଲୋଜି ବିଭାଗ ମୁଖ୍ୟ ସୁଶାନ୍ତ କୁମାର ସାହୁ ମୁଖ୍ୟଅତିଥି ଭାବେ ଆୟୋଜିତ ସଚେତନତା ର୍‍ୟାଲିକୁ ପତକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ର୍‍ୟାଲି କୋଭିଡ ଟିକା ଏବଂ କୋଭିଡ୍ ନେଇ ଲୋକଙ୍କୁ ସଚେତନତା କରିଥିଲା । ଏଥିରେ ସହାକାରୀ ପ୍ରଫେସର ନିର୍ମଳ ଚନ୍ଦ୍ର ସାହୁ, ସଞ୍ଜୀବ ଶତପଥୀ, ଛାତ୍ର ସଂସଦର ସଭାପତି ଦେବବ୍ରତ ବେହେରା, ଉପସଭାପତି ସୌରଭ ଅଗ୍ରୱାଲ, ସମ୍ପାଦକ ଶ୍ରୀନିବାସ ରଥ, ସାମାଜିକ କର୍ମୀ କମଲ ରାଥୋଡଙ୍କ ସହ ଶତାଧିକ ଛାତ୍ରୀଛାତ୍ର ସାମିଲ ହୋଇଥିଲେ।

# ଦେବଦେବୀଙ୍କ ବିରୋଧରେ ଆପତ୍ତିଜନକ ପୋଷ୍ଟ

ନବରଙ୍ଗପୁର,୨୧।୨(ବି.ପ୍ର.)

### ଦେବସେନା ପକ୍ଷରୁ ଥାନାରେ ଅଭିଯୋଗ

ଯାଜପୁର ଜିଲାର ମନୋରଞ୍ଜନ ଜେନା ନାମକ ବ୍ୟକ୍ତିଙ୍କ ଫେସ୍‌ବୁକରେ ହିନ୍ଦୁ ଦେବାଦେବୀଙ୍କ ବିଷୟରେ ଆପତ୍ତିଜନକ ମନ୍ତବ୍ୟ ପୋଷ୍ଟ ବିରୋଧରେ ରବିବାର ନବରଙ୍ଗପୁର ଦେବସେନା ପକ୍ଷରୁ ଥାନାରେ ଏତଲା ଦିଆଯାଇଛି। ୧୬ ତାରିଖ ସନ୍ଧ୍ୟାରେ ଏଭଳି ମନ୍ତବ୍ୟ ପୋଷ୍ଟ କରାଯାଇଥିବା ନେଇ ଦେବସେନା ନବରଙ୍ଗପୁର ଥାନାରେ ଅଭିଯୋଗ କରିଛି। ଥାନାଧିକାରୀ ତାରିକ ଅହମ୍ମଦ ଅଭିଯୋଗ ଗ୍ରହଣ କରିଥିବା ସୂଚନା ମିଳିଛି। ଜେନାଙ୍କ ଅନ୍ୟ ଏକ ଫେସ୍‌ବୁକ ଅକାଉଣ୍ଟରେ ମଧ ଜାତିଆଣ ଭେଦଭାବ ସୃଷ୍ଟି କରିବା ସହ ଆପତ୍ତିଜନକ ମତ ରଖିଛନ୍ତି। ସମାଜରେ ଦଙ୍ଗା ସୃଷ୍ଟି କଲା ଭଳି କାର୍ଯ୍ୟ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦାବି ହୋଇଛି। ପ୍ରଶାସନ ଏବଂ ସାଇବର ସେଲ୍ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ଦୁର୍ଭାଗ୍ୟଜନକ ବିଷୟ। ଉକ୍ତ ବ୍ୟକ୍ତିଙ୍କୁ ଶୀଘ୍ର ଗିରଫ କରାଯାଉ ବୋଲି ଦେବସେନା ସଙ୍ଗଠନ ଜିଲା ଶାଖାର ରିତେଶ ପୂଜାରୀ, ପ୍ରକାଶ ଟାକ୍ରୀ, କରଣ କୁମାର, ବିନୟ କୁମାର କର, ଗଣେଶ ଭତରା, ମନୋଜ ମହାରଣା, ଥଳେଶ୍ୱର ଚଲାଣ ପ୍ରମୁଖ ଅଭିଯୋଗ କରିଛନ୍ତି।


ଦେବସେନା ପକ୍ଷରୁ ଥାନାରେ ଏତଲା ଦିଆଯାଉଛି ।

### ସ୍ୱାଗତ, ବିଦାୟ ସମ୍ବର୍ଦ୍ଧନା

ଉମରକୋଟ,୨୧।୨(ଡି.ଏନ୍.ଏ.)

ଉମରକୋଟ ଏସ୍‌ଡିପିଓ ହେମନ୍ତ କୁମାର ପାଢ଼ୀଙ୍କ ନିକଟରେ ବଦଳି ହୋଇଥିବାବେଳେ ଶନିବାର ତାଙ୍କୁ ବିଦାୟୀ ସମ୍ବର୍ଦ୍ଧନା ଦିଆଯାଇଛି। ବିପଦର ବନ୍ଧୁ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ଏହି ଅବସରରେ କରୋନା ଯୋଦ୍ଧାଭାବେ ମଧ ସମ୍ମାନୀତ କରାଯାଇଥିଲା। ଅନ୍ୟପକ୍ଷରେ ନୂତନ ଏସ୍‌ଡିପିଓ ଦିନେଶ ଚନ୍ଦ୍ର ନାୟକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଉମରକୋଟ ତହସିଲଦାର ହିମାଞ୍ଚଳ ମାଝି, ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡା. ସୁମନ୍ତ କୁମାର ରାଉଳ, ସାମାଜିକ କର୍ମୀ ନଳିନୀ ରଞ୍ଜନ ମିଶ୍ର, ଉମରକୋଟ ଥାନାଧିକାରୀ ନରେଶ କୁମାର ପ୍ରଧାନ, ଝରିଗାଁ ଥାନାଧିକାରୀ ଉମେଶ କୁମାର ସାହୁଙ୍କୁ ଗାଁ ଗୌରବ ସମ୍ମାନରେ ସମ୍ମାନୀତ କରାଯାଇଥିଲା। ସେହିପରି ଅଞ୍ଚଳର ଅନ୍ୟ ସାମାଜିକ କର୍ମୀମାନଙ୍କୁ ମଧ ଅନୁଷ୍ଠାନ ପକ୍ଷରୁ ସମ୍ମାନୀତ କରାଯାଇଥିଲା।

# ‘ରୋଗକୁ ଡରନ୍ତୁ, ଟିକାକୁ ନୁହେଁ’ ସଚେତନତା

ରାୟଗଡ଼ା ଅଫିସ/ଟିକିରି, ୨୧।୨(ଡି.ଏନ୍.ଏ.)


ହେଲ୍‌ଦି ଇଣ୍ଡିଆ ଟିମ୍ ସଦସ୍ୟ ଗ୍ରାମବାସୀଙ୍କୁ ସଚେତନ କରୁଛନ୍ତି।

### ୟୁଏଆଇଏଲ୍, ହେଲ୍‌ଦି ଇଣ୍ଡିଆର ମିଳିତ ପ୍ରୟାସ

ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ଦୋରାଗୁଡ଼ାସ୍ଥିତ ଉତ୍କଳ ଆଲୁମିନା ଇଣ୍ଟରନ୍ୟାଶନାଲ ଲିମିଟେଡ୍ (ୟୁଏଆଇଏଲ୍) ଏବଂ ହେଲ୍‌ଦି ଇଣ୍ଡିଆ ପକ୍ଷରୁ ‘ରୋଗକୁ ଡରନ୍ତୁ, ଟିକାକୁ ନୁହେଁ’ ବିଷୟକୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଚାଲିଛି। ଏଥିରେ କାଶୀପୁର ବ୍ଲକର ୩୭ ଗ୍ରାମରେ ଲୋକଙ୍କୁ କରୋନା ବିଷୟରେ ସଚେତନ କରାଯିବ। ଏହା ମଧ୍ୟରେ ବ୍ଲକର ବିଲାମାଳ ଗ୍ରାମ, ହାଡିଗୁଡ଼ା, ଡାଙ୍ଗେସଆିଲ ଓ ଚନ୍ଦ୍ରଗିରି ଗ୍ରାମରେ ଲୋକଙ୍କୁ ସଚେତନ କରାଯାଇଛି। ହେଲ୍‌ଦି ଇଣ୍ଡିଆର ଭ୍ୟାନ୍ ଗାଁକୁ ଗାଁ ବୁଲି ଗ୍ରାମବାସୀଙ୍କୁ କରୋନାଠାରୁ ସୁରକ୍ଷିତ ରହିବା ନିମନ୍ତେ ସଚେତନ କରୁଛି। ମାସ୍କ ବ୍ୟବହାର, ହାତ ଧୋଇବା, ସାମାଜିକ ଦୂରତା ରଖିବା ଏବଂ କରୋନାର ସମସ୍ତ ନିୟମକୁ ମାନିବାକୁ ଲୋକଙ୍କୁ ହେଲ୍‌ଦି ଇଣ୍ଡିଆ ଟିମ୍ ବୁଝାଉଛି। ସଚେତନତା ନିମନ୍ତେ ଟିମ୍‌ରେ ଡା. ଗିରିଶ ଚନ୍ଦ୍ର ମହନ୍ତ, ଫାର୍ମାସିଷ୍ଟ ଗୌତମ ନାୟକ, ଏସ୍‌ପିଓ ଅଶୋକ କୁମାର ମହାନ୍ତି ରହିଛନ୍ତି।

## ସଂକ୍ଷେପରେ

### ପୁଣି କୋଭିଡ ଗାଇଡ୍ ଲାଇନ ଲାଗୁ ନିର୍ଦ୍ଦେଶ

ମାଲକାନଗିରି,୨୧।୨ (ଡି.ଏନ୍.ଏ.)- ଆମ ଦେଶରେ କୋଭିଡ- ୧୯ ରୋଗୀ ସଂଖ୍ୟା କମିଥିବା ବେଳେ ପୂର୍ବରୁ ଜାରି ହୋଇଥିବା ଗାଇଡ ଲାଇନକୁ କୋହଳ କରାଯାଇ ବିଦ୍ୟାଳୟ, ମହାବିଦ୍ୟାଳୟ, ସରକାରୀ ବେସରକାରୀ କାର୍ଯ୍ୟାଳୟ, ସଭାସମିତି, ଶୋଭାଯାତ୍ରା, ପାଇଁ ଅନୁମତି ପ୍ରଦାନ କରା ଯାଇଥିଲା। ଏହା ବର୍ତ୍ତମାନ ସୁଦ୍ଧା ଜାରି ରହିଛି। ମାତ୍ର ଭାରତର ଦକ୍ଷିଣ ଭାଗ କର୍ଣାଟକ, କେରଳ, ମହାରଷ୍ଟ୍ର, ଛତିଶଗଡ ରାଜ୍ୟରେ କରୋନାର ପ୍ରକୋପ ଦେଖାଦେଇଛି। ଏହାକୁ ଦୃଷ୍ଟିରେ ରଖି ଆମ ରାଜ୍ୟରେ ଯେପରି ପୁନର୍ବାର କରୋନାର ପ୍ରଭାବ ନ ପଡେ ସେଥିପାଇଁ ରବିବାର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ୍ କମିଶନର ପ୍ରଦୀପ ଜେନା ସମସ୍ତ ଜିଲାପାଳଙ୍କୁ ୨୨ରୁ ନିଜ ନିଜ ଅଞ୍ଚଳରେ କୋଭିଡ ନିୟମକୁ କଡାକଡି କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସାପ୍ତାହିକ ହାଟ, ଦୈନିକ ବଜାର, ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନରେ ଯେପରି ଜନଗହଳି ନ ହୁଏ, ସମସ୍ତେ ଯେପରି ବାଧତାମୂଳକ ଭାବେ ମାସ୍କ ବ୍ୟବହାର, ସାମାଜିକ ଦୂରତା ରକ୍ଷା କରିବା, ସଭାସମିତି , ଶୋଭା ଯାତ୍ରା କୋଭିଡ ନିୟମ ଅନୁଯାୟୀ ଯେପରି ହେବ ଦେଖିବାକୁ କୁହାଯାଇଛି। ପ୍ରତି ସପ୍ତାହରେ ଏନେଇ ଜିଲାପାଳମାନେ ରାଜ୍ୟ ସରକାରଙ୍କୁ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ରହିଛି।

### ଶ୍ରୀ ସିଦ୍ଧେଶ୍ୱର ମହାଦେବଙ୍କ ବାର୍ଷିକୋତ୍ସବ

ଦାମନଯୋଡ଼ି,୨୧।୨ (ଡି.ଏନ୍.ଏ.)- ଭେଜାପୁଟ ମାର୍କେଟସ୍ଥିତ ଶ୍ରୀସିଦ୍ଧେଶ୍ୱର ମହାଦେବ ମନ୍ଦିରର ୨୪ତମ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ରବିବାର ରୁଦ୍ରାଭିଷେକ, ହୋମଯଜ୍ଞ, ୪ ପ୍ରହର ନାମଯଜ୍ଞ ଓ ଅନ୍ନଯଜ୍ଞ ଆଦି ନୀତି ଅନୁଷ୍ଠିତ ହୋଇଥିଲା। କୋଭିଡ୍ କଟକଣା ଭିତରେ ସୀମିତ କର୍ମକର୍ତ୍ତାଙ୍କୁ ନେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂଜକ ମାନସ କୁମାର ଦାଶ ପୂଜାନୀତି କରିଥିଲେ। ପୂଜକ ସନ୍ତୋଷ ଦାଶ ସହଯୋଗ କରିଥିଲେ। କୈଳାସ ଚନ୍ଦ୍ର ମାହନ୍ତ କର୍ତ୍ତା ଦାୟିତ୍ୱ ଓ ବାବୁଲି କୁମାର ସ୍ୱାଇଁ ଅଭିଷେକ ଦାୟିତ୍ୱ ତୁଲାଇଥିଲେ। କର୍ମକର୍ତ୍ତା ଉପେନ୍ଦ୍ର ପାଣିଗ୍ରାହୀ, ତାରିଣୀ ସାହୁ, ଅରୁଣ ବେହେରା, ପଦ୍ମନାଭ ସ୍ୱାଇଁ, ସୌଭାଗ୍ୟ ବସ୍ତିଆ, ହରିବନ୍ଧୁ ବିଶ୍ୱାଳ ପ୍ରମୁଖ ବିଭିନ୍ନ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ।

# ଇଂଲିଶ ଭାଷା ବ୍ୟବହାର ଓଡ଼ିଆ ମାତୃଭାଷାକୁ ଦୁର୍ବଳ କରୁଛି

**ମାତୃଭାଷା ଦିବସରେ ଅତିଥିଙ୍କ ମତ**

ମାଲକାନଗିରି,୨୧।୨ (ଡି.ଏନ୍.ଏ.)

ମାଲକାନଗିରି ଜିଲା ସଦର ମହକୁମା ଉତ୍କଳ ସାମ୍ବାଦିକ ସଂଘ ସମ୍ମିଳନୀ କକ୍ଷରେ ମାତୃଭାଷା ଦିବସ ବରିଷ୍ଠ ସଦସ୍ୟ ସୁଶାନ୍ତ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଏଥିରେ ସାହିତ୍ୟିକ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ମନୋଜ କୁମାର ସାହୁ, ରବୀନ୍ଦ୍ର କୁମାର ମହାରଣା, ରତ୍ନାକର ଦାସ ପ୍ରମୁଖ ଯୋଗଦେଇ ମାତୃଭାଷା ସମ୍ପର୍କରେ ଆଲୋକପାତ କରିଥିଲେ । ବର୍ତ୍ତମାନ ସମୟରେ ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭ କରି ଶିକ୍ଷୟିତ୍ରୀ ଶିକ୍ଷକ, ପଦାଧିକାରୀ, ରାଜନୈତିକ ବ୍ୟକ୍ତି, ବିଭିନ୍ନ ଅନୁଷ୍ଠାନ ସାଧାରଣରେ ବାର୍ତ୍ତାଳାପ କରିବା ସମୟରେ ବହୁଳ ପରିମାଣରେ ଇଂଲିଶ ଭାଷା ବ୍ୟବହାର କରୁଥିବାରୁ ନିଜ ମାତୃଭାଷାର ଆଦୃତି କ୍ରମଶଃ କମିବାରେ ଲାଗିଛି। ଓଡିଆ ଭାଷାର ବିଭିନ୍ନ କାବ୍ୟ, କବିତା, ଗ୍ରନ୍ଥ, ଉପନ୍ୟାସ ନାଟକ ଆଦି ସାହିତ୍ୟର ବିଭିନ୍ନ ବିଭାଗରେ ପୁସ୍ତକମାନ ପ୍ରକାଶ ପାଇଥିବା ବେଳେ ଓଡିଆ ଭାଷା ପାଇଁ ମଧ୍ୟ ସ୍ୱତନ୍ତ୍ର ଶବ୍ଦକୋଷ ରହିଛି। ଏପରି ସ୍ଥଳେ ଆମେ ମାତୃଭାଷାକୁ ଭୁଲି ଇଂଲିଶ ଭାଷା ପ୍ରତି ଆକୃଷ୍ଟ ହେଉଥିବାରୁ ଓଡିଆ ମାତୃଭାଷା ପ୍ରତି ସଙ୍କଟ ଦେଖାଦେଇଛି। ରାଜ୍ୟ ସରକାର ସମସ୍ତ କାର୍ଯ୍ୟାଳୟରେ ଓଡିଆ ଭାଷାରେ ନଥିପତ୍ର ପ୍ରସ୍ତୁତ କରିବା ପାଇଁ ଗତବର୍ଷ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଏହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇ ନ ପାରିବା ଯୋଗୁ ବକ୍ତାମାନେ କ୍ଷୋଭ ପ୍ରକାଶ କରିଥିଲେ। ଓଡ଼ିଆ ମାତୃଭାଷାକୁ ପ୍ରାଧାନ୍ୟ ଦେବାକୁ ସଭାସମିତିରେ ଇଂଲିଶ ଶବ୍ଦ ଉଚ୍ଚାରଣ ନ କରି ଓଡ଼ିଆ ଭାଷାରେ ବକ୍ତବ୍ୟ ଦେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ସଂଘ ସଭାପତି ଦୁର୍ଯ୍ୟୋଧନ ପାତ୍ର ପରିଚାଳନା କରିଥିଲେ। ସଦସ୍ୟ ମନୋଜ କୁମାର ମହାନ୍ତି, ଜୟନ୍ତୀ ବୁରୁଦା, ଶ୍ରୀନିବାସ ପାତ୍ର, ସତ୍ୟ ନାରାୟଣ ଦାସ, ଶ୍ରୀକାନ୍ତ ସେଠୀ, ସୋନୁ ଅନୁଗୁ, ସଞ୍ଜୀବ ଢାଲି, ମାଣିକ ବାଛାଡ, ସୀମାଞ୍ଚଳ ପାଣିଗ୍ରାହୀ, ଅପୂର୍ବ ଥଣ୍ଡର, ଅଜିତ ଖୋସଲା, ପ୍ରଭାକର ସୁନା, ରାଧିକା ମାଝୀ ପ୍ରମୁଖ ଉପସ୍ଥିତ ଥିଲେ ।

## କାଳିମେଳାରେ ମାତୃଭାଷା ଦିବସ

କାଲିମେଳା,୨୧।୨(ଡି.ଏନ.ଏ)



କାଲିମେଳାରେ ବେଙ୍ଗଲୀ ସମ୍ପ୍ରଦାୟ ପକ୍ଷରୁ ମାତୃଭାଷାକୁ ନେଇ ହୋଇଥିବା କାର୍ଯ୍ୟକ୍ରମ ।

ଫେବୃଆରୀ ୨୧ ହେଉଛି ବିଶ୍ୱ ମାତୃଭାଷା ଦିବସ । ଏହି ଦିବସରେ ଭାରତର ବିଭିନ୍ନ ପ୍ରନ୍ତରରେ ଥିବା ବିଭିନ୍ନ ବର୍ଗର ଲୋକମାନେ ନିଜ ମାତୃଭାଷାକୁ ମନେ ପକାଇ ଆଜିର ଦିବସକୁ ପାଳନ କରିଆସୁଛନ୍ତି । ଏହିଅବସରରେ ମାଲକାନଗିରି ଜିଲା କାଲିମେଳା ଗୋପବନ୍ଧୁ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି ।ଏଥିରେ ବିଦ୍ୟାଳୟର ଅଧ୍ୟକ୍ଷ ହିମାଂଶୁ କୁମାର ଦତ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାତୃଭାଷା ଦିବସ କଣ ଏହା କେଉଁଠୁ ଆରମ୍ଭ ହୋଇଛି ଏବଂ ଏହି ଦିବସର ତାପର୍ଯ୍ୟ ଉପରେ ଆଲୋଚନା କରିଥିଲେ । ଅଧ୍ୟାପକ ହିମାଂଶୁ ଶେଖର ବୈଦ୍ୟ, ପ୍ରକାଶ ମିଶ୍ର, ପ୍ରଫୁଲ୍ଲ କୁମାର ବିଶ୍ୱାଳ, ସୁଦାମ ଚରଣ ମହାଳିକ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ମାତୃଭାଷା ଦିବସ ପାଳନର ଉଦ୍ଦେଶ୍ୟ, ଆମ ମାତୃଭାଷା ଓ ସଂସ୍କୃତି ଉପରେ ସୂଚନା ଦେଇଥିଲେ। ୧୯୫୨ରେ ବାଂଲାଦେଶର ଢାକା ଠାରେଏକ ମାତୃଭାଷା ଆନ୍ଦୋଳନ ହୋଇଥିଲା । ବଙ୍ଗଲା ଭାଷାକୁ ନେଇ ଏହି ଆନ୍ଦୋଳନ ହୋଇଥିବାରୁ ଆନ୍ଦୋଳନକାରୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରତିବର୍ଷ ଫେବୃଆରୀ ୨୧କୁ ଅନ୍ତଃରଷ୍ଟ୍ରୀୟ ଭାଷା ଦିବସ ଭାବେ ପାଳନ କରାଯାଇଆସୁଛି। ଅନ୍ୟପକ୍ଷରେ ଏହି ଭାଷା ଦିବସ ପାଳନ ଉପଲକ୍ଷେ ପଟେରୁସ୍ଥିତ ନରନାରାୟଣ ସେବାଶ୍ରମ ପ୍ରାଙ୍ଗଣରେ ବେଙ୍ଗଲି ସମ୍ପ୍ରଦାୟ ପକ୍ଷରୁ ଏକ କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ନିଜ ମାତୃଭାଷାକୁ ନେଇ ଆଲୋଚନା ହୋଇଥିଲା। ସଭାରେ ନିରାପଦ ବିଶ୍ୱାସ, ନିତାଇ ସିକଦାର, ଅନିମେଶ ହାଲଦାର, ଭବାନୀ ଶଙ୍କର ମୁଖାର୍ଜୀ, ନିହାର ରାୟ, ପ୍ରହଲ୍ଲାଦ ବସୁ, ପ୍ରକାଶ ଢାଲି,ଚିନ୍ମୟ ରାୟ,ଦୁଲାଲ ଗୋଲଦାର, ପ୍ରଭାତି ସିକଦାର, ପ୍ରହଲ୍ଲାଦ ବସୁ, ସତ୍ୟନ ରାୟ ସହ ଗ୍ରାମବାସୀ ଉପସ୍ଥିତ ଥିଲେ।

## କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟରେ ସାମାଜିକ ନ୍ୟାୟ ଦିବସ

କୋରାପୁଟ,୨୧।୨(ସ୍ୱ.ପ୍ର.)– କୋରାପୁଟସ୍ଥିତ ଓଡିଶା କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟର ସାମାଜିକ ନ୍ୟାୟ ଫୋରମ ଓ ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ବିଶ୍ୱ ସାମାଜିକ ନ୍ୟାୟ ଦିବସ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ଡିଜିଟାଲ ଅର୍ଥନୀତି ଏବଂ ସାମାଜିକ ନ୍ୟାୟ ପାଇଁ ଆହ୍ୱାନ ଶୀର୍ଷକ ଏକ ୱେବିନାର ହୋଇଥିଲା। ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ପ୍ରଫେସର ଇ. ଭେଙ୍କଟେଶ ମୁଖ୍ୟବକ୍ତା ଭାବେ ଯୋଗଦେଇ ସାମାଜିକ ନ୍ୟାୟର ଧାରଣା ଏବଂ ଏହାର ଐତିହାସିକ ପୃଷ୍ଠଭୂମି ଏବଂ ସାମାଜିକ ନ୍ୟାୟ କିପରି ଭାରତୀୟ ସମ୍ବିଧାନର ଏକ ଅଂଶ ହୋଇ ରହିଛି ତାହା ଉପରେ ଆଲୋକପାତ କରିଥିଲେ। ସାମାଜିକ ନ୍ୟାୟ ଓ ଡିଜିଟାଲ ଅର୍ଥନୀତି, ରାଜ୍ୟ, ବଜାର, ସିଭିଲ ସୋସାଇଟି ଏବଂ ଏକାଡେମିକ ପ୍ରତିଷ୍ଠାନର ଭୂମିକା



ଉପରେ ସେ ଗୁରୁତ୍ୱ ଦେଇଥିଲେ । ସେ କହିଥିଲେଯେ ଭାରତରେ ସ୍ୱଳ୍ପ ସଂଖ୍ୟକ ଲୋକଙ୍କ ପାଖରେ ଅର୍ଥର ପ୍ରମୁଖ ଅଂଶ ରହିଥିବାବେଳେ ଅଳ୍ପ ଲୋକଙ୍କ ପାଖରେ ସ୍ୱଳ୍ପ ଅର୍ଥ ରହିଛି। ଡିଜିଟାଲ ବିଭାଜନ ଓ ଡିଜିଟାଲ ଅର୍ଥନୀତି, ଜଗତିକରଣ ହେତୁ ବିଶ୍ୱ ଅର୍ଥନୀତି କିପରି ବିଭାଜିତ ହେଉଛି ସେ ନେଇ ପ୍ରଫେସର ଭେଙ୍କଟେଶ ମତ ରଖିଥିଲେ । ଏହି ୱେବିନାରରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଆଇ. ରାମବ୍ରହ୍ମମ ସଭାପତିତ୍ୱ କରି ସମାଜର ତୃଣମୂଳସ୍ତରରେ ବିକାଶ କଲେ ସାମାଜିକ ନ୍ୟାୟ ପ୍ରତିଷ୍ଠା ହେବ ବୋଲି ପ୍ରକାଶ କରିଥିଲେ। ସମାଜ ବିଜ୍ଞାନ ବିଭାଗର ପ୍ରଫେସର ପି.ଦୁର୍ଗପ୍ରସାଦ ଉଦଘାଟନୀ ବକ୍ତବ୍ୟ ରଖିଥିଲେ । ସେ ଦାରିଦ୍ର୍ୟ ଦୂରିକରଣ, ଲିଙ୍ଗଗତ ଅସମାନତା, ରୋଜଗାର, ଜାତିସଂଘର ବିକାଶ ଲକ୍ଷ୍ୟ ଏବଂ ସମସ୍ତ ପ୍ରକାର ଭେଦଭାବ ବିରୋଧରେ ଲଢିବା ନେଇ ପ୍ରସଙ୍ଗ ଉଠାଇଥିଲେ। କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ବିଦ୍ୟାର୍ଥୀ ମନୀଷା ମହାପାତ୍ର, ନିରଞ୍ଜନ ମାଝି ସାମାଜିକ ନ୍ୟାୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ସମାଜ ବିଜ୍ଞାନ ବିଭାଗର ସହାୟକ ପ୍ରଫେସର ଡ.କପିଲ ଖେମୁଣ୍ଡୁ ଏବଂ ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟର ଜି. କିରନ ୱେବିନାର ପରିଚାଳନା କରିଥିଲେ ।

## ମାଲକାନଗିରିରେ ଆରମ୍ଭ ହେବ ଏୟାର ଆମ୍ବୁଲାନ୍ସ ସ୍ୱାସ୍ଥ୍ୟସେବା



ଭିତ୍ତିଭୂମି ତଦାରଖରେ ଆସିଥିବା ଟିମ୍।

ମାଲକାନଗିରି,୨୧।୨ (ଡି.ଏନ୍.ଏ.)

ମାଲକାନଗିରିରୁ ଉଡିବ ଏୟାର ଆମ୍ବୁଲାନ୍ସ। ଏନେଇ ମାଲକାନଗିରିରେ ପହଞ୍ଚି ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ଥିତି ଅନୁଧ୍ୟାନ କରିଛନ୍ତି ସ୍ୱାସ୍ଥ୍ୟ ବିଭାଗର ଏକ ତିନିଜଣିଆ ଉଚ୍ଚସ୍ତରୀୟ ଟିମ୍। ଟିମ୍‌ରେ ସ୍ୱାସ୍ଥ୍ୟବିଭାଗ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର, ଏସସିବି ଡିନ୍ ଡା. ଦନ୍ତେଶ୍ୱର ହୋତା ଓ ଡା. ଉମାକାନ୍ତ ଶତପଥୀ ପ୍ରମୁଖ ଥିଲେ। ଏହି ଟିମ୍ ଟ୍ରମା ସେଣ୍ଟର, ଅତ୍ୟାଧୁନିକ ଓଟି ସହ ଆବଶ୍ୟକୀୟ ଭିତ୍ତିଭୂମି ଅନୁଧ୍ୟାନ କରିଛନ୍ତି। ମାଲକାନଗିରିରୁ ଭୁବନେଶ୍ୱର ଓ ବିଶାଖାପାଟଣାକୁ ଆକାଶ ମାର୍ଗରେ ଦୂରତା ଓ ଅନ୍ୟାନ୍ୟ ଭିତ୍ତିଭୂମି ସମ୍ପର୍କରେ ତଦାରଖ କରି ଫେରିଛନ୍ତି। ଆଗାମୀ ଦିନରେ ପ୍ରଥମ ପର୍ଯ୍ୟାୟରେ ମାଲକାନଗିରି ସମେତ ନୂଆପଡା, କଳାହାଣ୍ଡି ଓ ନବରଙ୍ଗପୁରରୁ ଏୟାର ଆମ୍ବୁଲାନ୍ସ ସେବା ଆରମ୍ଭ ହେବ।

## କରୁଣାକରଙ୍କୁ ଜ୍ଞାନ ଗୁରୁ ସାରଳା ପ୍ରତିଭା ସମ୍ମାନ

କୋରୁକୋଣ୍ଡା, ୨୧।୨(ଡି.ଏନ. ଏ.)

ଭୁବନେଶ୍ୱରସ୍ଥିତ ସାରଳା ଏକାଡେମୀ ପକ୍ଷରୁ ଭଞ୍ଜକଳା ମଣ୍ଡପଠାରେ ଶୁଦ୍ରମୁନି ଆଦିକବି ସାରଳା ଦାସଙ୍କ ଶ୍ରାଦ୍ଧୋତ୍ସବରେ ୨୨ ତମ ସାରଳା ଦାସ ପ୍ରତିଭା ସମ୍ମାନ–୨୦୨୧ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଏଥିରେ ମାଲାକନଗିରି ଜିଲା ତାର୍ଲାକୋଟା ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ କରୁଣାକର ମଲିକଙ୍କୁ ସମ୍ମାନିତ କରାଯାଇଛି। ତାଙ୍କୁ ଜ୍ଞାନ ଗୁରୁ ସାରଳା ପ୍ରତିଭା ସମ୍ମାନ –୨୦୨୧ ପ୍ରଦାନ ଅବସରରେ ମାନପତ୍ର,ଫଳକ ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ଯୁଗେ ଯୁଗେ ସୃଷ୍ଟିରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଛନ୍ତି ଗୁରୁ। ବିନା ଗୁରୁରେ କୋଣସି କାର୍ଯ୍ୟ ସମ୍ଭବ ହୋଇ ନ ପାରେବୋଲି ମଞ୍ଚାସୀନ ଅତିଥିମାନେ ମତବ୍ୟକ୍ତ କରିଥିଲେ। ସୂଚନାଯୋଗ୍ୟ, ଶିକ୍ଷକ ମଲ୍ଲିକ ଜଣେ ଛାତ୍ର ବତ୍ସଳ, ଆଦର୍ଶ ଗୁରୁ। ଜଣେ ପରିବେଶବିତ୍ ସମାଜିକ କର୍ମୀ ଏବଂ ସୁସଙ୍ଗଠକ ରୂପେ ସ୍ଥାନୀୟ ଅଞ୍ଚଳରେ ପରିଚିତ।

## ୧୨୦ ବସ୍ତା କାଠ ଅଙ୍ଗାର ଜବତ

କେନ୍ଦୁଝର,୨୧।୨(ସ୍ୱ.ପ୍ର.): କେନ୍ଦୁଝର ଜିଲା ଘଟଗାଁ ରେଞ୍ଜ ମେଲାଣ ବିଟ୍ ଅନ୍ତର୍ଗତ ଜଙ୍ଗଲ ନିକଟ ୪ଟି ସ୍ଥାନରେ ଚଢ଼ାଉ କରି ବନ ବିଭାଗ ୧୨୦ ବସ୍ତା କାଠ ଅଙ୍ଗାର କୋଇଲା ଜବତ କରିଛି। ଅଟେଇ ସଂରକ୍ଷିତ ଜଙ୍ଗଲର ମେଲାଣ ଓ ଦରଖଲା ଗାଁ ନିକଟରେ ଏହି ଚଢ଼ାଉ କରାଯାଇଥିଲା। ଅଟେଇ ସଂରକ୍ଷିତ ଜଙ୍ଗଲ ନିକଟରେ ରହୁଥିବା ଲୋକେ ଜଙ୍ଗଲରୁ ଗଛ କାଟି ପୋଡ଼ି କୋଇଲା ପ୍ରସ୍ତୁତ କରୁଥିଲେ। କୋଇଲା ପାଇଁ ବ୍ୟାପକ ପରିମାଣର ଗଛ ନଷ୍ଟ ହେଉଥିଲା। ସ୍ଥାନୀୟ ଲୋକେ ଏହି କୋଇଲାକୁ ବସ୍ତାରେ ପୁରାଇ ଜିଲା ଏବଂ ଜିଲା ବାହାରକୁ ଚାଲାଣ କରୁଥିଲେ।

## ଆନ୍ଧ୍ର ଉପରେ ନିର୍ଭରଶୀଳ ଜୁମଡାଙ୍ଗବାସୀ



ଜୁମଡାଙ୍ଗ ଗସ୍ତ କରିଥିବା ଟିମ୍

**ଓଡ଼ିଶା ସରକାରଙ୍କ ପକ୍ଷରୁ ପଦକ୍ଷେପ ନେବାକୁ ଦାବି**

କୁଡୁମୁଲୁଗୁମ୍ମା/ଚିତ୍ରକୋଣ୍ଡା, ୨୧।୨(ଡି.ଏନ.ଏ.)

ମାଲକାନଗିରି ଜିଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶରେ କୁଡୁମୁଲୁଗୁମ୍ମା ବ୍ଲକର ଜୁମଡାଙ୍ଗ ଗ୍ରାମରେ ଶିକ୍ଷା ବ୍ୟବସ୍ଥା ସ୍ଥିତି ପରଖିବାକୁ ବ୍ଲକ ଶିକ୍ଷା ଅଧିକାରୀ ଗାୟତ୍ରୀ ଦେବୀଙ୍କ ନେତୃତ୍ୱରେ ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ଅଞ୍ଜନ ଚୌଧୁରୀ, ସିଆର୍‌ସିସି ପୀତାମ୍ବର ଖରା ଓ ଶିକ୍ଷକ ବସନ୍ତ ତାଙ୍ଗୁଲଙ୍କୁ ନେଇ ଏକ ଟିମ୍ ଜୁମଡାଙ୍ଗ ଗ୍ରାମ ଗସ୍ତ କରିଥିଲା। ଗ୍ରାମରେ ୨୫ଟି କନ୍ଧ ସମ୍ପ୍ରଦାୟର ପରିବାର ବସବାସ କରନ୍ତି। ସେମାନେ ଉଭୟ କୁଇ ଓ ତେଲୁଗୁ ଭାଷାରେ କଥାବାର୍ତ୍ତା କରନ୍ତି । ପଡୋଶୀ ଆନ୍ଧ୍ରର ସର୍ବାଧିକ ପ୍ରଭାବ ଏହି ଅଞ୍ଚଳରେ ରହିଛି । ୧୦ ଜଣ ଛାତ୍ରୀଛାତ୍ର ଆନ୍ଧ୍ରର ଗୋଦାବରୀ ଜିଲାର କୌଣସି ଏକ ହଷ୍ଟେଲରେ ରହି ଚତୁର୍ଥ ଓ ପଞ୍ଚମ ଶ୍ରେଣୀ ଯାଏ ପଢିଛନ୍ତି । ଅନ୍ୟମାନେ ନିରକ୍ଷର ରହିଛନ୍ତି। ଏହି ଗ୍ରାମରେ ବିଦ୍ୟାଳୟ ନ ଥିବାରୁ ଛାତ୍ରୀଛାତ୍ରମାନେ ଦୂର ବିଦ୍ୟାଳୟକୁ ଯାଇ ପଢିପାରୁନାହାନ୍ତି। କେତେକ କ୍ଷେତ୍ରରେ ଅଭିଭାବକମାନେ ମଧ୍ୟ ପିଲାଙ୍କୁ ଦୂରକୁ ଛାଡିବାକୁ ଚାହୁଁନାହାନ୍ତି । ଆନ୍ଧ୍ର ପ୍ରଦେଶର ବିଭିନ୍ନ ଯୋଜନାରେ ଏଠାକାର ଲୋକେ ଯୋଡିହେବା ସହ ଓଡ଼ିଶା ଓ ଆନ୍ଧ୍ରର ଯୋଜନାରୁ ଲାଭ ନେଉଛନ୍ତି। ଉଚ୍ଚ ପାହାଡ ଉପରେ ଅବସ୍ଥିତ ଏହି ଜୁମ ଡାଙ୍ଗ ଗ୍ରାମକୁ ସବୁଦିନିଆ ପକ୍କା ରାସ୍ତା ଏଯାଏ ନିର୍ମାଣ ହୋଇନାହିଁ । ଫଳରେ ଲୋକେ ଓଡ଼ିଶା ଅପେକ୍ଷା ଆନ୍ଧ୍ରର ବିଭିନ୍ନ ସ୍ଥାନକୁ ସହଜରେ ଯାତାୟାତ କରୁଛନ୍ତି। ଦୈନନ୍ଦିନ ଚଳଣି ପାଇଁ ଆନ୍ଧ୍ରର ନିକଟସ୍ଥ ବଜାର ଉପରେ ନିର୍ଭର କରୁଛନ୍ତି। ଓଡ଼ିଶା ସରକାର ଏହି ଗ୍ରାମବାସୀଙ୍କ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟସେବା, ଗମନାଗମନ, ପାନୀୟ ଜଳ ଯୋଗାଣ, ଜଙ୍ଗଲ ଜମି ପଟ୍ଟା, ବିଜୁ ପକ୍କାଘର ନିର୍ମାଣ ନେଇ ପଦକ୍ଷେପ ନେଲେ ଏମାନେ ଆଉ ଆଉ ଆନ୍ଧ୍ରମୁହାଁ ହୁଅନ୍ତେ ନାହିଁ ବୋଲି ମତ ପ୍ରକାଶ ପାଉଛି। ସୂଚନାଯୋଗ୍ୟ ଜିଲା ପ୍ରଶାସନ ନିର୍ଦ୍ଦେଶରେ ଜୁମଡାଙ୍ଗ ଗ୍ରାମରେ ଚିତ୍ରକୋଣ୍ଡା ବ୍ଲକ ଆଇସିଡିଏସର ଏକ ଟିମ୍ ନିକଟରେ ଉକ୍ତ ଗ୍ରାମରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରି ସେମାନଙ୍କ ବିକାଶ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଫଳରେ ସେମାନେ ଆନ୍ଧ୍ର ନିର୍ବାଚନରେ ଅଂଶଗ୍ରହଣ ନ କରି ଏହାକୁ ବର୍ଜନ କରିଥିଲେ।

## ବାଇକ୍ ଚୋରି

ଯୋଡା, ୨୧।୨(ଡି.ଏନ.ଏ.) କେନ୍ଦୁଝର ଜିଲା ଯୋଡା ବ୍ଲକ ଛକ ନିକଟରେ ରବିବାର ଏକ ବାଇକ୍ ଚୋରି ହୋଇଯାଇଛି । ଯୁଧିଷ୍ଠିର ମହାକୁଡ ତାଙ୍କ ବାଇକକୁ ଛକ ନିକଟରେ ରଖି ଜନସେବା କେନ୍ଦ୍ରକୁ ଯାଇଥିଲେ । ସେଠାରୁ ଫେରି ଆସିବା ପରେ ତାଙ୍କର ବାଇକ୍ ସେଠାରେ ନ ଥିବା ଦେଖିଥିଲେ । ଦିନ ଦ୍ୱିପ୍ରହରରେ ଏହିପରି ବାଇକ୍ ଚୋରି ହୋଇଥିବାରୁ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି । ଏନେଇ ଯୋଡା ଥାନାରେ ଅଭିଯୋଗ ହୋଇଛି।

## ପଦ୍ମଗିରି ବଜାର ସଫେଇ କଲେ ଯୁବଗୋଷ୍ଠୀ

ମାଲକାନଗିରି,୨୧।୨ (ଡି.ଏନ୍.ଏ.)

ମାଲକାନଗିରି ସଦର ବ୍ଲକ ପଦ୍ମଗିରି ପଞ୍ଚାୟତ ସଦର ମହକୁମା ବଜାରରେ ରାସ୍ତାର ଉଭୟ ପାର୍ଶ୍ୱରେ ଜମା ହୋଇ ରହିଥିବା ଅଳିଆ ଆବର୍ଜନାକୁ ରବିବାର ସାମାଜିକ କର୍ମୀ ସେବୀ ରଘୁନାଥ ନାୟକଙ୍କ ନେତୃତ୍ୱରେ ୫୦ରୁ ଊର୍ଦ୍ଧ୍ୱ ଯୁବକ ସଫେଇ କରିଛନ୍ତି। ପ୍ରତ୍ୟେକ ସାହିର ନର୍ଦ୍ଦମାଗୁଡିକରେ ପଡିଥିବା ଅଳିଆ ଆବର୍ଜନା ମଧ୍ୟ ସଫା କରିଛନ୍ତି ଏହି ଯୁବଗୋଷ୍ଠୀ। ଏହି ବଜାର ଉପରେ ୫ଟି ପଞ୍ଚାୟତବାସୀ ନିର୍ଭର କରନ୍ତି। ଏହି ବଜାର ରାସ୍ତାରେ ଡାକ୍ତରଖାନା, ଉଚ୍ଚ ବିଦ୍ୟାଳୟ, ପଞ୍ଚାୟତ କାର୍ଯ୍ୟାଳୟ, ଗ୍ରାମ ବ୍ୟାଙ୍କ, ଆର୍‌ଆଇ କାର୍ଯ୍ୟାଳୟ ଆଦି ରହିଛି।



ସଫେଇ କାର୍ଯ୍ୟ କରୁଛନ୍ତି ଯୁବଗୋଷ୍ଠୀ।

## ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଭୂମିପୂଜନ ଉତ୍ସବ

କୋରାପୁଟ,୨୧।୨(ସ୍ୱ.ପ୍ର.)

କୋରାପୁଟର ଶାବରୀବିହାରଠାରେ ରବିବାର ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଭୂମିପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ରାଜଯୋଗିନୀ ବ୍ରହ୍ମାକୁମାରୀ ନିଲମ ଦିଦି ଜୀ ଯୋଗଦେଇଥିଲେ। ବାହ୍ୟଜଗତର ବସ୍ତୁ ଓ ବିଭବ ପାଇବା ପାଇଁ ଚେଷ୍ଟା ନ କରି ତାହାକୁ ପରିତ୍ୟାଗ କରି ପରମାତ୍ମାଙ୍କ ଶରଣ ନେବାକୁ ସେ ପରାମର୍ଶ ଦେଇଥିଲେ। ଏହି ଅବସରରେ ସମ୍ମାନିତ ଅତିଥିଭାବେ କୋରାପୁଟ ବିଧାୟକ ରଘୁରାମ ପଡାଲ ଯୋଗଦେଇ ବିଶ୍ୱରେ ଶାନ୍ତିର ବାର୍ତ୍ତା ଦେଉଥିବା ଏହି ବ୍ରହ୍ମାକୁମାରୀ ବିଶ୍ୱବିଦ୍ୟାଳୟର ଉନ୍ନତି କାମନା କରିଥିଲେ । ଏହି ଅବସରରେ ବିଧାୟକ ବିଶ୍ୱବିଦ୍ୟାଳୟ ପତାକା ଉତ୍ତୋଳନ କରି ତାଙ୍କ ବିଧାୟକ ପାଣ୍ଠିରୁ ୫ ଲକ୍ଷ ଟଙ୍କା ଦେବାକୁ ଘୋଷଣା କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି କୋରାପୁଟ ଜିଲା ଯୋଜନା ଅଧିକାରୀ ସୂର୍ଯ୍ୟକାନ୍ତ ବେହେରା ଯୋଗଦେଇ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସହ ସେ ପୂର୍ବରୁ ଜଡିତ ଥିବା ପ୍ରକାଶ କରି ଆଗାମୀ ଦିନରେ କୋରାପୁଟ ସେବାକେନ୍ଦ୍ରର ଉନ୍ନତି ଲାଗି ସେ ସମସ୍ତ ସହାୟତା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଭୂମି ପୂଜନ କାର୍ଯ୍ୟକ୍ରମ ପୂର୍ବରୁ ଶତାଧିକ ବ୍ରହ୍ମାକୁମାରୀ ଓ ବ୍ରହ୍ମାକୁମାର ପୂଜାରିପୁଟସ୍ଥିତ ସେବାକେନ୍ଦ୍ରଠାରୁ କଳସ ଧରି ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ । କାର୍ଯ୍ୟକ୍ରମକୁ କୋରାପୁଟ ସେବାକେନ୍ଦ୍ରର ପରିଚାଳିକା ବ୍ରହ୍ମାକୁମାରୀ ସ୍ୱର୍ଣ୍ଣ ଦିଦି ଜୀ ପରିଚାଳନା କରିଥିଲେ। ବ୍ରହ୍ମାକୁମାର କପିଲ ଭାଇ ସହଯୋଗ କରିଥିଲେ ।



ଭୂମିପୂଜନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ନାଲ୍କୋ ପଞ୍ଚପଟମାଳି ଖଣି ରାସ୍ତା ବନ୍ଦ କରି ଆନ୍ଦୋଳନ

ଲକ୍ଷ୍ମୀପୁର,୨୧।୨(ସ୍ୱ.ପ୍ର.)




ଅଞ୍ଚଳବାସୀ ଆନ୍ଦୋଳନ କରୁଛନ୍ତି।

- ଦୀର୍ଘବର୍ଷ ଧରି ହୋଇଥିବା ଅବହେଳାର କରିଛନ୍ତି ପ୍ରତିବାଦ
- ଆଲୋଚନା ବେଳେ ୨୦ ଦିନ ସମୟ ନେଲା ପ୍ରଶାସନ
- ସମସ୍ୟା ସମାଧାନ ନ କଲେ ପୁଣି ଆନ୍ଦୋଳନ: ଗ୍ରାମବାସୀ

ଦୀର୍ଘ ବର୍ଷ ଧରି ଅବହେଳାର ଶିକାର ହୋଇ ଆସୁଥିବା ନାଲ୍‌କୋ ପାରିପାର୍ଶ୍ୱିକ ଅଞ୍ଚଳର ଅଧିବାସୀ ଏବେ ପ୍ରତିବାଦର ସ୍ୱର ଉଠାଇଛନ୍ତି। ସମସ୍ତେ ନାଲ୍‌କୋ ଖଣି ଅଞ୍ଚଳରେ ଏକାଠି ହୋଇ ଆନ୍ଦୋଳନ କରିଛନ୍ତି। ଖଣି ରାସ୍ତା ଅବରୋଧ କରିଛନ୍ତି। ଏପରି ସ୍ଥିତି ଉପୁଜିଛି କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ କାକିରିଗୁମା ଥାନା ଅଧୀନ ପଞ୍ଚପଟମାଳି ନାଲ୍‌କୋ ଖଣି ଅଞ୍ଚଳରେ।

ଶନିବାରଠାରୁ ଚାଲିଥିଲା ଏହି ଆନ୍ଦୋଳନ। ଖଣି ରାସ୍ତା ଅବରୋଧ କରି ରଖିଥିଲେ ଖଣି ପାରିପାର୍ଶ୍ୱିକ ଉପରଗୋଡ଼ତି, ମଝିଗୋଡ଼ତି, ତଳଗୋଡ଼ତି, ତବାପଦର, ଜାମପୁଟ, କିରାଝଲା, କୁଟୁଡି ଆଦି ୭ଟି ଆଦିବାସୀ ଗ୍ରାମର ଶତାଧିକ ମହିଳା ପୁରୁଷ। ମୌଳିକ ସୁବିଧା ସୁଯୋଗ ପାଉ ନ ଥିବା ଅଭିଯୋଗ କରି ସେମାନେ ଏହି ଆନ୍ଦୋଳନ ଚଳାଇଥିଲେ। ନାଲ୍‌କୋ ପ୍ରତିଷ୍ଠା ହେବାର ୪୧ ବର୍ଷ ବିତିଯାଇଥିଲେ ମଧ୍ୟ ଏଯାଏ ସେମାନେ ରାସ୍ତା, ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟସେବା, କର୍ମନିଯୁକ୍ତି ଭଳି ଅନେକ ସୁବିଧା ସୁଯୋଗ ପାଇବାରୁ ବଞ୍ଚିତ ହୋଇ ଆସୁଛନ୍ତି। ଏନେଇ ପୂର୍ବରୁ ଅନେକ ଥର ଜିଲା ପ୍ରଶାସନ ଏବଂ ନାଲ୍‌କୋ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିଲେ ମଧ୍ୟ ଏହାର କୌଣସି ସୁଫଳ ମିଳିନାହିଁ। ଶେଷରେ ସେମାନେ ଖଣି ଅଞ୍ଚଳର ରାସ୍ତା ଅବରୋଧ ଭଳି ପଦକ୍ଷେପ ନେବାକୁ ନିଷ୍ପତ୍ତି ନେଇଥିବା ପ୍ରକାଶ କରିଛନ୍ତି। ଘଟଣା ସ୍ଥଳରେ ଜିଲା ପ୍ରଶାସନ ପକ୍ଷରୁ କୋରାପୁଟ ତହସିଲଦାର ରଞ୍ଜନ କୁମାର ମାନସେଠ୍, ଲକ୍ଷ୍ମୀପୁର ଏସଡିପିଓ ଅଶ୍ୱିନୀ କୁମାର ନାୟକ, ନାଲ୍‌କୋ ଜିଏମ୍ ଅମରେନ୍ଦ୍ର ମିଶ୍ର, ଡିଜିଏମ୍ ପି.କେ. ସାହୁ, ଆର.ସି. ଦାସ, କାକିରିଗୁମା ଥାନା ଅଧିକାରୀ ଉଲ୍ଲାସ କୁମାର ରାଉତ, ଲକ୍ଷ୍ମୀପୁର ଆଇଆଇସି ଗୌରହରି ସାହୁ, ନାରାୟଣପାଟଣା ଆଇଆଇସି ପ୍ରସନ୍ନ ମହାନ୍ତି ପ୍ରମୁଖ ପହଞ୍ଚି ଆନ୍ଦୋଳନକାରୀ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ମାତ୍ର ସମସ୍ୟା ସମାଧାନ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚଳାଇ ରଖିବାକୁ ଗ୍ରାମବାସୀ ନିଜ ଜିଦରେ ଅଟଳ ଥିଲେ। ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦେଇ ୨୦ ଦିନ ମଧ୍ୟରେ ସେମାନଙ୍କ ସମସ୍ୟାର ସମାଧାନ କରିବାକୁ କହିବାରୁ ଗ୍ରାମବାସୀ ଆନ୍ଦୋଳନ ପ୍ରତ୍ୟାହାର କରି ନେଇଥିଲେ। ପ୍ରତିଶ୍ରୁତି ଅନୁସାରେ ପ୍ରଶାସନ କାର୍ଯ୍ୟ ନ କଲେ ପୁଣି ଆନ୍ଦୋଳନ ହେବ ବୋଲି ସେମାନେ ଚେତାବନୀ ଦେଇଥିଲେ।

